ଓଡ଼ିଶା ସାହିତ୍ୟ ଏକାଡେମୀ

# ସମାଚାର

ODISHA SAHITYA AKADEMI SAMACHAR

48th Issue : January-March 2017

ସଂଖ୍ୟା ୪୮ : ଜାନୁଆରୀ-ମାର୍ଚ୍ଚ ୨୦୧୭

## ଓଡ଼ିଆ ପତ୍ରପତ୍ରିକା ସମ୍ପାଦକ ସମ୍ମିଳନୀ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱରସ୍ଥ ଜୟଦେବ ଭବନଠାରେ ତା ୧୭.୩.୧୭ରିଖ ଦିନ ଓଡ଼ିଆ ପତ୍ରପତ୍ରିକା ସମ୍ପାଦକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନ ଉକ୍ତ ଦିନ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଖ୍ୟାତ ସାହିତ୍ୟିକ ତଥା ଏକାଡେମୀର ପୂର୍ବତନ ସଭାପତି ଶ୍ରୀ ସାତକଡ଼ି ହୋତା ଉଦ୍‌ଘାଟନ କରିଥିଲେ। ସଂସ୍କୃତି ବିଭାଗ, ଓଡ଼ିଶାଙ୍କ କମିଶନର ତଥା ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀ ଏଥିରେ ମୁଖ୍ୟଅତିଥି ଭାବେ ଓ ଗାଳ୍ପିକ ଶ୍ରୀ ବିଜୟ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ।

ଏହି କାର୍ଯ୍ୟକ୍ରମର ଆଲୋଚନାଚକ୍ର ଅଧିବେଶନ ଉକ୍ତ ଦିନ ପୂର୍ବାହ୍ଣ ୧୧ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ଅର୍ଚ୍ଚନା ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ "ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧିରେ ପତ୍ରପତ୍ରିକାର ଭୂମିକା" ଶୀର୍ଷକ ପ୍ରବନ୍ଧ ଡକ୍ଟର ବାବାଜୀ ଚରଣ ପଟ୍ଟନାୟକଙ୍କ ଦ୍ୱାରା ଉପସ୍ଥାପିତ ହୋଇଥିଲା। ଡକ୍ଟର ଅରବିନ୍ଦ ରାୟ, ଶ୍ରୀ ଅକ୍ଷୟ କୁମାର ବେହେରା, ଡକ୍ଟର ଇତି ସାମନ୍ତ, ଡକ୍ଟର ଚାରୁବାଳା ଦାସ, ଶ୍ରୀ ଦେବେନ୍ଦ୍ର ନାଥ ଦାଶ, ଡକ୍ଟର ନବକିଶୋର ମିଶ୍ର, ଶ୍ରୀମତୀ ମମତା ମହାପାତ୍ର, ଶ୍ରୀମତୀ ସସ୍ମିତା ଦାସ, ଶ୍ରୀ ସୁଶାନ୍ତ କୁମାର ନାୟକ ଏହି ଭିତ୍ତିପ୍ରବନ୍ଧ ଉପରେ ବିଶେଷ ଆଲୋଚନା କରିଥିଲେ। ଏଥିରେ ଡକ୍ଟର ଗୌରହରି ଦାସ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ ଓ ସରୋଜ ବଳ ସଂଯୋଜନା କରିଥିଲେ।

ଅପରାହ୍ଣ ୨.୩୦ ଘଣ୍ଟା ସମୟରେ ଆଲୋଚନାଚକ୍ରର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଡକ୍ଟର ବିଭୂତି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନରେ ଡକ୍ଟର ଶକୁନ୍ତଳା ବଳିଆର ସିଂହ "ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧିରେ ପତ୍ରପତ୍ରିକାର ଭୂମିକା' ଶୀର୍ଷକ ଅନ୍ୟ ଏକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଶ୍ରୀ ଅମିୟ ପାଣ୍ଡବ, ଶ୍ରୀ ଅସିତ୍ ମହାନ୍ତି, ଅଶୋକ କୁମାର ମହାନ୍ତି, ଡାକ୍ତର ଉପେନ୍ଦ୍ର ପ୍ରସାଦ ନାୟକ, ଉମାକାନ୍ତ ମହାପାତ୍ର, (୨ ପୃଷ୍ଠା ଦେଖନ୍ତୁ)

## ପୁରୀଠାରେ ସାହିତ୍ୟ ଆଲୋଚନା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରୀକ୍ଷେତ୍ର ପୁସ୍ତକମେଳା ଅବସରରେ ତା ୫.୧.୧୭ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ପୁରୀ ଶରଧା ବାଲିସ୍ଥ ଶ୍ରୀକ୍ଷେତ୍ର ପୁସ୍ତକମେଳା ପରିସରରେ 'ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥ ଚେତନା' ବିଷୟକ ଏକଦିବସୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଅଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ପ୍ରାବନ୍ଧିକ ଡକ୍ଟର ସୁରେନ୍ଦ୍ର କୁମାର ମିଶ୍ର ଭିତ୍ତିପ୍ରବନ୍ଧ ଉପସ୍ଥାପନା କରିଥିଲେ। ଆଲୋଚକ ଭାବରେ ଡକ୍ଟର ବଳରାମ ଦାସ ଆଦିଯୁଗ ଓ ମଧ୍ୟଯୁଗରେ ଶ୍ରୀଜଗନ୍ନାଥ ଚେତନା ବିଷୟରେ ଆଲୋଚନା କରିବା ସହିତ ଡକ୍ଟର ତୁଳସୀ ଓଝା ଓଡ଼ିଆ ସଙ୍ଗୀତରେ ଶ୍ରୀଜଗନ୍ନାଥ ଚେତନା ଓ ଡକ୍ଟର ସୁନୀଲ ରଥ ଆଧୁନିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥ ଚେତନା ବିଷୟରେ ଆଲୋଚନା କରିଥିଲେ। ଶେଷରେ ଶିଶୁ ସାହିତ୍ୟିକ ଶ୍ରୀ ବୀରେନ୍ଦ୍ର ମହାନ୍ତି ଆଲୋଚନା ସଭାର ଉପସଂହାର କରିଥିଲେ।

# ରେଙ୍ଗାଲିଠାରେ ସୃଜନ ଆସର




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ସମ୍ବଲପୁର ଜିଲ୍ଲା ରେଙ୍ଗାଲିସ୍ଥ ଟ୍ରକ ମାଲିକ ସଂଘ ସମ୍ମିଳନୀ କକ୍ଷରେ ତା ୨୨.୧.୧୭ରିଖ ପୂର୍ବାହ୍ଣ ୧୦.୩୦ ଘଣ୍ଟା ସମୟରେ ସୃଜନ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଆସରର ଉଦ୍‌ଘାଟନୀ ଅଧିବେଶନ ଉକ୍ତ ଦିନ ପୂର୍ବାହ୍ଣ ୧୦.୩୦ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ଗିରିଜା ଶଙ୍କର ଶର୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଧିବେଶନକୁ ପ୍ରସାର ଭାରତୀର ପୂର୍ବତନ ଅତିରିକ୍ତ ମହାନିର୍ଦ୍ଦେଶକ ଡକ୍ଟର ଅଭୟ କୁମାର ପାଢ଼ୀ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ ଏକାଡେମୀର ସଚିବ କବି ଅଶ୍ୱିନୀ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସହ-ସଚିବ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବହଳୀ ଓ କବି ଡକ୍ଟର ପଞ୍ଚାନନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ସୁନାନୀଙ୍କ ରଚିତ ପୌରାଣିକ କଥା ଲୋକାର୍ପିତ ହୋଇଥିଲା। ପୂର୍ବାହ୍ଣ ୧୧ ଘଣ୍ଟା ସମୟରେ ଆଲୋଚନାଚକ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ 'ସାମ୍ପ୍ରତିକ ଓଡ଼ିଆ କବିତାରେ ଗ୍ରାମୀଣ ଚେତନା' ଶୀର୍ଷକ ଆଲୋଚନା କରାଯାଇଥିଲା। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ପୂର୍ବତନ ଇଂରାଜୀ ପ୍ରଫେସର ଡକ୍ଟର ପଞ୍ଚାନନ ମିଶ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ପ୍ରଫେସର ଡକ୍ଟର କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରାବନ୍ଧିକ ଡକ୍ଟର ଗୌରୀଦାସ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିବନ୍ଧ ପାଠ କରିଥିଲେ। ଏଥିରେ ସାହିତ୍ୟିକ ଗଣେଶରାମ ନାହାକ ଅଧକ୍ଷତା କରିଥିଲେ। ଅପରାହ୍ଣ ୩ ଘଣ୍ଟା ସମୟରେ କବିତା ପାଠ ଅନୁଷ୍ଠିତ ହୋଇଥିଲା। କବି ଶ୍ରୀ ମନୋଜ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କବିତା ପାଠ ଉତ୍ସବରେ କବି ସୌଭାଗ୍ୟବନ୍ତ ମହାରଣା ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। କବି ସୁଶୀଲ ପାଣିଗ୍ରାହୀ ଓ ଡକ୍ଟର ସ୍ୱର୍ଣ୍ଣମୟୀ ଜେନା ଖୁଣ୍ଟିଆଙ୍କ ସଂଯୋଜନାରେ ନିମନ୍ତ୍ରିତ ୫୦ରୁ ଉର୍ଦ୍ଧ୍ୱ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ। ଶେଷରେ ଜୟକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଶୀତ ଉତ୍ସବ




ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ଲଳିତକଳା ଏକାଡେମୀ, ଜିଲ୍ଲା ସଂସ୍କୃତି ପରିଷଦ ଓ ଜିଲ୍ଲା ପ୍ରଶାସନ, କେନ୍ଦୁଝରଙ୍କ ମିଳିତ ସହଯୋଗରେ କେନ୍ଦୁଝରସ୍ଥ କାଳିପଡ଼ିଆ ଠାରେ ତା ୨୬.୨.୧୭, ୨୭.୨.୧୭ ଓ ୨୮.୨.୧୭ରିଖରେ ରାଜ୍ୟସ୍ତରୀୟ ଶୀତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏହି ଉପଲକ୍ଷେ ତା ୨୮.୨.୧୭ରିଖ ପୂର୍ବାହ୍ଣ ୧୦.୩୦ ଘଣ୍ଟା ସମୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦୁଝର ଓ ତତ୍‌ସଂଲଗ୍ନ ଜିଲ୍ଲାମାନଙ୍କରୁ ନିମନ୍ତ୍ରିତ ଷାଠିଏରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତାଗୁଡ଼ିକ ଆବୃତ୍ତି କରିଥିଲେ।

### ଓଡ଼ିଆ ପତ୍ରପତ୍ରିକା...

*(ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ)*

କମଳ କୁମାର ମହାନ୍ତି, କାଳିପଦ ପଣ୍ଡା, ଡକ୍ଟର ଗୌରାଙ୍ଗ ଦାଶ, ଶ୍ରୀ ଦିଲ୍ଲୀପ କୁମାର ବେଉରା, ଶ୍ରୀ ବନୋଜ ତ୍ରିପାଠୀ, ବନ୍ଦନା ମିଶ୍ର, ବସନ୍ତ ମାଝି, ବାଞ୍ଛାନିଧି ଦାସ, ଭିକାରୀଚରଣ ଧଳ, ମନୋରଞ୍ଜନ ନନ୍ଦ, ସଦାଶିବ ମିଶ୍ର, ସୁକାନ୍ତ ସାହୁ, ସୁରେଶ ନାୟକ, ଶଙ୍କର୍ଷଣ ପଣ୍ଡା, ଶଶାଙ୍କ ଶେଖର ଚୂଡ଼ାମଣି, ଶ୍ରୀଦେବ, କ୍ଷୀରୋଦ ଚନ୍ଦ୍ର ପତି, ଲେଲିନ୍ କୁମାର ଆଦି ପତ୍ରିକା ସମ୍ପାଦକମାନେ ଆଲୋଚକ ଭାବେ ଯୋଗଦାନକରି ଭିତ୍ତିପ୍ରବନ୍ଧ ଉପରେ ନିଜର ମତାମତ ରଖିଥିଲେ। ଶ୍ରୀମତୀ ସରଳା ପତ୍ରୀ ଏହି ଅଧିବେଶନରେ ସମ୍ମାନନୀୟା ଅତିଥି ଭାବରେ ଯୋଗଦାନ କରିବା ସହିତ ଶୁଭ୍ରାଂଶୁ କୁମାର ପଣ୍ଡା ଅଧିବେଶନର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ଏହି ଅବସରରେ ଉପସ୍ଥିତଥିବା ସମସ୍ତ ପତ୍ରିକାର ସମ୍ପାଦକ ଏବଂ ସାହିତ୍ୟିକମାନଙ୍କୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଶ୍ରୀ ରବି ନାରାୟଣ ରାୟ,ସହ-ସଚିବଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ସନ୍ଥକବି ଭୀମଭୋଇ ଶ୍ରାଦ୍ଧୋତ୍ସବ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ମହାନଦୀ ସାହିତ୍ୟ ସଂସଦ ସୁବର୍ଣ୍ଣପୁରଙ୍କ ମିଳିତ ସହଯୋଗରେ ସନ୍ଥକବି ଭୀମଭୋଇଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୨୫.୨.୧୭ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ଡିଆରଡିଏ ସଭାଗୃହ ସୋନପୁରଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ମହାନଦୀ ସାହିତ୍ୟ ସଂସଦର ସଭାପତି ଶ୍ରୀ ସଂଜୀବ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀ ଦାଶରଥି ଶତପଥୀ ମୁଖ୍ୟଅତିଥି, ଶ୍ରୀ ପୁରୁଷୋତ୍ତମ ମିଶ୍ର ସମ୍ମାନନୀୟ ଅତିଥି ଓ ଡକ୍ଟର ଗୋବର୍ଦ୍ଧନ ନାୟକ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ଭୀମଭୋଇଙ୍କ ଆଦର୍ଶ ଜୀବନ ଦର୍ଶନ ଓ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ସାହିତ୍ୟକୁ ଭୀମଭୋଇଙ୍କ ରଚିତ ଭଜନ ଓ ଜଣାଣ ବହୁ ଭାବରେ ଋଦ୍ଧିମନ୍ତ କରିଥିବା ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଶେଷରେ ଏକାଡେମୀ ପକ୍ଷରୁ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଉତ୍କଳ ଘଣ୍ଟ କବି ଯଦୁମଣିଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଯଦୁମଣି କ୍ଲବଙ୍କ ମିଳିତ ସହଯୋଗରେ ଉତ୍କଳ ଘଣ୍ଟ କବି ଯଦୁମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୮.୧.୧୭ରିଖ ଅପରାହ୍ଣ ୫ ଘଣ୍ଟା ସମୟରେ ନୟାଗଡ଼ ଜିଲ୍ଲାର ଇଟାମାଟି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଯଦୁମଣି କ୍ଲବର ସଭାପତି ତଥା ଇଟାମାଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଅଶୋକ କୁମାର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ନୟାଗଡ଼ର ଜିଲ୍ଲାପାଳ ଶ୍ରୀ ଅରିନ୍ଦମ୍ ଡାକୁଆ ମୁଖ୍ୟଅତିଥି, ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ବିଶିଷ୍ଟ ଅତିଥି, ଶ୍ରୀ ସତ୍ୟାନାଶ ସମ୍ମାନନୀୟ ଅତିଥି, ପ୍ରଫେସର ଡକ୍ଟର ନିଶାମଣି ସ୍ୱାଇଁ ମୁଖ୍ୟବକ୍ତା ଓ ଶ୍ରୀ ଶରତ ଚନ୍ଦ୍ର ଆଚାର୍ଯ୍ୟ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି ଯଦୁମଣିଙ୍କ କାବ୍ୟ ପ୍ରତିଭା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଜଣେ ଆଶୁ କବି ଭାବରେ ତାଙ୍କ ରଚିତ କାବ୍ୟଗୁଡ଼ିକ ହାସ୍ୟରସ ତଥା ବ୍ୟଙ୍ଗରେ ପରିପୂର୍ଣ୍ଣ ହୋଇଥିବାରୁ ତାହା ପାଠକଙ୍କୁ ବହୁ ପରିମାଣରେ ଆନନ୍ଦ ପ୍ରଦାନ କରିଥାଏ ବୋଲି ବକ୍ତା ଓ ଅତିଥିବୃନ୍ଦ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା ଓ ଶେଷରେ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଭକ୍ତକବି ବଳରାମ ଦାସ ଶ୍ରାଦ୍ଧୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ପଞ୍ଚସଖା ଭକ୍ତ ବଳରାମ ଦାସ ସ୍ମୃତି ସଂସଦଙ୍କ ମିଳିତ ଆନୁକୂଲ୍ୟରେ ଭକ୍ତକବି ବଳରାମ ଦାସଙ୍କ ଶ୍ରାଦ୍ଧୋତ୍ସବ ତା ୨୭.୧.୧୭ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ପୁରୀ ଜିଲ୍ଲା ଏରବଙ୍ଗସ୍ଥ ବଳରାମ ମନ୍ଦିର ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ପଞ୍ଚସଖା ଭକ୍ତ ବଳରାମ ଦାସ ସ୍ମୃତି ସଂସଦର ସଭାପତି ଶ୍ରୀ ହଟକିଶୋର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ରାମଚରଣ ଦାସଜୀ ମହାରାଜ ମୁଖ୍ୟଅତିଥି, ପଣ୍ଡିତ ଭଜରାମ ଶତପଥୀ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ ବଳରାମ ଦାସ ଅତି ସରଳ ଓ ବୋଧଗମ୍ୟ ଲୌକିକ ଭାଷାରେ ପୁସ୍ତକ ରଚନା କରି ଓଡ଼ିଆ ଭାଷାର ସୁରକ୍ଷା ଓ ପୃଷ୍ଟି ସାଧନ କରିବା ସହିତ ଓଡ଼ିଆ ସାହିତ୍ୟକୁ ସୁଷମା ମଣ୍ଡିତ କରି ଯାଇଛନ୍ତି। ତାଙ୍କ ରଚିତ ଲକ୍ଷ୍ମୀପୁରାଣ ଗ୍ରନ୍ଥ ଓଡ଼ିଶାର ପୁରପଲ୍ଲୀରେ ବହୁ ଲୋକପ୍ରିୟତା ଅର୍ଜନ କରିଛି ଓ ଉତ୍କଳୀୟ ଧାର୍ମିକ ଓ ସାଂସ୍କୃତିକ ଜୀବନଧାରାକୁ ଗଭୀର ଭାବରେ ପ୍ରଭାବିତ କରିପାରିଛି ବୋଲି ଅତିଥି ଓ ବକ୍ତାମାନେ ମତପୋଷଣ କରିଥିଲେ। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ପ୍ରଦାନ କରାଯିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା।

# କବି ବ୍ରଜରାଜ ସିଂହଦେଓଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଖଡ଼ିଆଳ ସାହିତ୍ୟ ସମିତିଙ୍କ ମିଳିତ ଆନୁକୂଲ୍ୟରେ ତା ୧.୨.୧୭ରିଖ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ କବି ବ୍ରଜରାଜ ସିଂହଦେଓଙ୍କ ଜୟନ୍ତୀ ଉପଲକ୍ଷେ ଖଡ଼ିଆଳସ୍ଥ ଦରବାର ହଲଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଡକ୍ଟର ଶରତ ଚନ୍ଦ୍ର ଚଲାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ଜିତାମିତ୍ର ପ୍ରସାଦ ସିଂହଦେଓ ମୁଖ୍ୟଅତିଥି, ଶ୍ରୀ ପଦ୍ମଲୋଚନ ମାଝି ସମ୍ମାନନୀୟ ଅତିଥି ଓ ଅଧ୍ୟାପକ ରୁଦ୍ରମାଧବ ବାରିକ୍ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କହିଲେ ପ୍ରାଚୀନ ଓ ମଧ୍ୟଯୁଗୀୟ ଓଡ଼ିଆ ସାହିତ୍ୟରେ ବ୍ରଜରାଜଙ୍କ ଗଭୀର ବ୍ୟୁତ୍ପତ୍ତି ଓ ଅଗାଧ ପାଣ୍ଡିତ୍ୟ ଥିଲା। ଓଡ଼ିଆ ସାହିତ୍ୟର ଜଣେ ଏକନିଷ୍ଠ ସାଧକ ଭାବରେ ସେ ବହୁ ଯଶର ଅଧିକାରୀ ଥିଲେ। ରୀତିଯୁଗୀୟ କାବ୍ୟକଳାରେ ଜଣେ ସିଦ୍ଧହସ୍ତ ଶିଳ୍ପୀ ଭାବରେ ସେ ସ୍ୱୀକୃତ ଓ ସମ୍ମାନୀତ ବୋଲି ଅତିଥି ଓ ବକ୍ତା ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା ଓ ଅନୁଷ୍ଠାନର ସମ୍ପାଦକ ଇରଫାନ ମହମ୍ମଦ ଧନ୍ୟବାଦ ଅର୍ପଣ କରିଥିଲେ।

# ଭକ୍ତକବି ମଧୁସୂଦନ ରାଓଙ୍କ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭକ୍ତକବି ମଧୁସୂଦନ ରାଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧.୨.୧୭ରିଖ ଅପରାହ୍ଣ ୪ ଘଣ୍ଟା ସମୟରେ ପୁରୀସ୍ଥ ଚନ୍ଦ୍ରଶେଖର ପାଠାଗାର ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀମତୀ ପ୍ରତିମା ମିଶ୍ର ମୁଖ୍ୟଅତିଥି, ଶ୍ରୀ ଅନାମ ଚନ୍ଦ୍ର ସାହୁ ସମ୍ମାନନୀୟ ଅତିଥି ଓ ପ୍ରଫେସର ବାଉରୀବନ୍ଧୁ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ।

ମୁଖ୍ୟଅତିଥି ଶ୍ରୀମତୀ ପ୍ରତିମା ମିଶ୍ର କହିଲେ ଭକ୍ତକବିଙ୍କ ପ୍ରତ୍ୟେକ ରଚନା ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି। ତାଙ୍କ ଲେଖାରେ ସମାଜ ସଂସ୍କାରର ବାର୍ତ୍ତା ରହିଛି। ଭକ୍ତକବି ଜ୍ଞାନଯୋଗ ଓ ଭକ୍ତିଯୋଗର ସ୍ରଷ୍ଟା ଥିଲେ। ମୁଖ୍ୟବକ୍ତା ପ୍ରଫେସର ବାଉରୀବନ୍ଧୁ ସାହୁ କହିଲେ ଫକୀରମୋହନ ସେନାପତି, ରାଧାନାଥ ରାୟ ଏବଂ ମଧୁସୂଦନଙ୍କୁ ନେଇ ତ୍ରିବେଣୀ ସଙ୍ଗମ ହୋଇଥିଲା। ଭକ୍ତକବି ମଧୁସୂଦନ ଓଡ଼ିଶାର ଗର୍ବ ଓ ଗୌରବ। ପ୍ରତିକୂଳ ପରିସ୍ଥିତିରେ ସେ ଅନୁକୂଳ ଚିନ୍ତା କରୁଥିଲେ। ଏକାଧାରରେ ସେ କବି, ଗାଳ୍ପିକ ଏବଂ ଦାର୍ଶନିକ ଥିଲେ। ତାଙ୍କ ଚିନ୍ତାଧାରା ସମାଜକୁ ପ୍ରଭାବିତ କରିଛି। ଫକୀରମୋହନଙ୍କ ଭାଷାରେ ସେ ଜଣେ ଆଦର୍ଶ ପୁରୁଷ। ସମ୍ମାନନୀୟ ଅତିଥି ଅନାମ ଚନ୍ଦ୍ର ସାହୁ ଭକ୍ତକବିଙ୍କ ରଚନାରେ ସାଂସ୍କୃତିକ, ଭାଗବତ ଏବଂ ଆଧ୍ୟାତ୍ମିକ ଦିଗ ରହିଥିବା ମତ ଦେଇଥିଲେ। ସେ କହିଲେ ଭକ୍ତକବିଙ୍କ ସାରସ୍ୱତ ସାଧନାରେ ଏକାଗ୍ରତା ରହିଥିଲା। ତାଙ୍କ ସାହିତ୍ୟ ସୃଷ୍ଟି ସମାଜକୁ ମୌଳିକ ଦିଗ୍‌ଦର୍ଶନ ଦେଇଛି। ଆଧୁନିକ ଗୀତିକବିତାର ସେ ସ୍ରଷ୍ଟା ଥିଲେ। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ର ସଭାରେ ଅଧ୍ୟକ୍ଷତା କରି କହିଲେ ଭାରତରେ ସାଂସ୍କୃତିକ ଜାଗରଣ ଭକ୍ତକବି ମଧୁସୂଦନଙ୍କ ଲେଖାରୁ ଆରମ୍ଭ ହୋଇଥିଲା। ତାଙ୍କ ସାହିତ୍ୟରେ ମାନବିକ ମୂଲ୍ୟବୋଧ ଗୁରୁତ୍ୱବହନ କରିଛି। କବିବର ରାଧାନାଥ ରାୟଙ୍କ ସେ ସମସ୍କନ୍ଧ। ସେ ଜଣେ ବାସ୍ତବବାଦୀ ଓ ସତ୍ୟ ଅନୁସରଣକାରୀ ଥିଲେ। ଓଡ଼ିଶାର ମାଟି ଓ ପାଣି ପବନରେ ସମଗ୍ର ବିଶ୍ୱକୁ ସେ ସମାଜ ସଂସ୍କାରର ବାର୍ତ୍ତା ଦେଇଥିଲେ। ଭକ୍ତକବିଙ୍କ ପ୍ରତ୍ୟେକ ଲେଖାରେ ଦର୍ଶନ ଓ ସମାଜ ସଂସ୍କାରର ବାର୍ତ୍ତା ରହିଛି ଯାହା ସବୁ ବର୍ଗର ସାରସ୍ୱତ ସାଧକଙ୍କୁ ଅନୁପ୍ରାଣିତ କରିଛି। ସଭା ଶେଷରେ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# କେନ୍ଦ୍ରାପଡ଼ାଠାରେ ଆଲୋଚନାଚକ୍ର ଓ କବିତାପାଠ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କେନ୍ଦ୍ରାପଡ଼ାସ୍ଥ ଗୋପଛକ ନିକଟ ଗାଇଡ୍ ଆବାସିକ ମହାବିଦ୍ୟାଳୟର ସଭାଗୃହରେ ତା ୨୬.୨.୧୭ରିଖ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ଆଲୋଚନାଚକ୍ର ଓ କବିତା ପାଠ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ପୂର୍ବାହ୍ଣ ୧୦ ଘଣ୍ଟା ସମୟରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ସାହିତ୍ୟିକ ଶ୍ରୀ ନନ୍ଦକିଶୋର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଗାଳ୍ପିକ ତଥା ଏକାଡେମୀର ପୂର୍ବତନ ସଭାପତି ଡକ୍ଟର ରାମଚନ୍ଦ୍ର ବେହେରା ଉଦ୍‌ଘାଟକ ଭାବରେ ଯୋଗଦାନ କରିଥିଲେ। ଏହି ଅଧିବେଶନରେ କବି ସରୋଜ ରଞ୍ଜନ ମହାନ୍ତି ମୁଖ୍ୟଅତିଥି ଓ କବି ଧନଞ୍ଜୟ ସ୍ୱାଇଁ ବିଶିଷ୍ଟ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ଆଲୋଚନାଚକ୍ର ଅଧିବେଶନ ପୂର୍ବାହ୍ଣ ୧୧ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା। ଡକ୍ଟର ଆଶୁତୋଷ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡକ୍ଟର ପ୍ରକାଶ କୁମାର ପରିଡ଼ା "ଓଡ଼ିଆ କବିତାର ବାମାବାଦୀ ସ୍ୱର" ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡକ୍ଟର ଅପର୍ଣ୍ଣା ମହାନ୍ତି, ଡକ୍ଟର ଶତ୍ରୁଘ୍ନ ପାଣ୍ଡବ, ଶ୍ରୀ କ୍ଷୀରୋଦ ପରିଡ଼ା, ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ ସମ୍ମାନନୀୟ ଆଲୋଚକ ଭାବେ ଯୋଗଦାନ କରି ପଠିତ ପ୍ରବନ୍ଧ ଉପରେ ଆଲୋଚନା କରିଥିଲେ। ଉକ୍ତ ଦିନ ଅପରାହ୍ଣ ୧୨.୩୦ ଘଣ୍ଟା ସମୟରେ କବିତାପାଠ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର କୁଳମଣି ନାଥଶର୍ମା ସଭାମୁଖ୍ୟ ଭାବେ ଯୋଗଦାନ କରିବା ସହିତ ଡକ୍ଟର ଶଶିଭୂଷଣ ବିଶ୍ୱାଳ ମୁଖ୍ୟଅତିଥି, ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀ ବିଶିଷ୍ଟ ଅତିଥି, କବି ଶ୍ରୀ ମଧୁସୂଦନ ଦାସ ଓ କବି ଶ୍ରୀ ବୈକୁଣ୍ଠନାଥ ସାହୁ ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରିଥିଲେ। ଏଥିରେ ପଚାଶରୁ ଊର୍ଦ୍ଧ୍ୱ କବିମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା। କବିତାଗୁଡ଼ିକୁ ସଂଯୋଜନା କରିଥିଲେ ଶ୍ରୀ ପ୍ରିୟରଞ୍ଜନ ମହାନ୍ତି ଓ ଶ୍ରୀମତୀ ତନ୍ମୟୀ ରଥ।

ଏକାଡେମୀର ସଚିବ ଏହି କାର୍ଯ୍ୟକ୍ରମରେ ଉପସ୍ଥିତଥିବା କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ସାହିତ୍ୟିକବୃନ୍ଦଙ୍କୁ ସ୍ୱାଗତ ସମ୍ଭାଷଣ ଜଣାଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ପରିଷଦ ଏହି କାର୍ଯ୍ୟକ୍ରମ ନିମନ୍ତେ ସ୍ଥାନୀୟ ସହଯୋଗ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଶ୍ରୀ ରବି ନାରାୟଣ ରାୟଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ



ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆଦିକବି ସାରଳା ଦାସ ସାଂସ୍କୃତିକ ପରିଷଦଙ୍କ ମିଳିତ ସହଯୋଗରେ ଆଦିକବି ସାରଳା ଦାସଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୩.୨.୧୭ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଜଗତସିଂହପୁର ଜିଲ୍ଲାର ତ୍ରିର୍ତ୍ତୋଲ ଅନ୍ତର୍ଗତ ତେନ୍ତୁଳିପଦାସ୍ଥ ସାରଳା ଦାସଙ୍କ ସମାଧିପୀଠ ମୁନିଗୋସାଇଁ ମଠ ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସଭାପତି ଇଂ ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଜଷ୍ଟିସ ବୀରକିଶୋର ମିଶ୍ର ମୁଖ୍ୟଅତିଥି, ପ୍ରଫେସର ରଜତ କୁମାର କର ସମ୍ମାନନୀୟ ଅତିଥି, ଡକ୍ଟର ନଟବର ଶତପଥୀ ମୁଖ୍ୟବକ୍ତା, ଶ୍ରୀ ମହେନ୍ଦ୍ର କୁମାର ଆଚାର୍ଯ୍ୟ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ସାରଳା ଦାସଙ୍କ ଦାଣ୍ଡିବୃତ୍ତରେ ରଚିତ ମହାଭାରତ ଓଡ଼ିଆ ଭାଷାର ଏକ ଅମୂଲ୍ୟ ସମ୍ପଦ। ଉତ୍କଳୀୟ ଜନଜୀବନ, ପରମ୍ପରା ଓ ସଂସ୍କୃତିର ଢଗଢମାଳି, ପ୍ରବଚନ ଓ ଲୌକିକ ଶବ୍ଦାବଳୀର ପ୍ରୟୋଗ ପୂର୍ବକ ଉତ୍କଳୀୟତା ପୁଟରେ ଏହି ଗ୍ରନ୍ଥ ରଚିତ। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ପ୍ରଦାନ କରାଯିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଫକୀରମୋହନ ସାହିତ୍ୟ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଯୁଗସ୍ରଷ୍ଟା ସାଧକ ବ୍ୟାସକବି ଫକୀରମୋହନ ସେନାପତିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୪.୧.୧୭ରିଖ ଅପରାହ୍ଣ ୩ ଘଣ୍ଟା ସମୟରେ ବ୍ୟାସକବିଙ୍କ ସ୍ମୃତି ପୀଠ ଶାନ୍ତିକାନନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସଭାରେ ପ୍ରଫେସର ଡକ୍ଟର କଇଳାଶ ପଟ୍ଟନାୟକ ମୁଖ୍ୟଅତିଥି, ଡକ୍ଟର ସିଦ୍ଧାର୍ଥ କାନୁନ୍‌ଗୋ ମୁଖ୍ୟବକ୍ତା ଓ ନିବାରଣ ଜେନା ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ଫକୀରମୋହନ ଜଣେ ମାନବଧର୍ମୀ ତଥା ସମାଜ ସଚେତନ ସାରସ୍ୱତ ଶିଳ୍ପୀ। ତାଙ୍କର ରଚନାଗୁଡ଼ିକ ସମାଜର ସମସ୍ୟା ଆଧାରିତ। ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ କ୍ଷେତ୍ରେ ତାଙ୍କର ଉଦ୍ୟମ ପ୍ରଶଂସନୀୟ। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଉପସ୍ଥିତ ସୁଧୀବୃନ୍ଦଙ୍କୁ ସ୍ୱାଗତ କରାଯାଇଥିଲା ଓ ଶେଷରେ ଏକଡେମୀର ସହ-ସଚିବ ରବି ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ସିଦ୍ଧସାଧକ ଅଚ୍ୟୁତାନନ୍ଦ ଦାସଙ୍କ ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀ ଅଚ୍ୟୁତ ଯୁବ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ସିଦ୍ଧସାଧକ ଅଚ୍ୟୁତାନନ୍ଦ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୭.୨.୧୭ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ କବିଙ୍କ ଜନ୍ମ ପୀଠ କଟକ ଜିଲ୍ଲାର ନେମାଳ ନିକଟବର୍ତ୍ତୀ ତିଳକଣାଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଗୋଲକ ଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଡକ୍ଟର ନିରଞ୍ଜନ ସାହୁ ସମ୍ମାନନୀୟ ଅତିଥି, ଶ୍ରୀ ପ୍ରମୋଦ କୁମାର ଦୃଷ୍ଟି ମୁଖ୍ୟବକ୍ତା ଓ ଶ୍ରୀ ଶ୍ୟାମସୁନ୍ଦର ଦାସ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ଓଡ଼ିଆ ଆଧାତ୍ମିକ ସାହିତ୍ୟ ଓ ସଂସ୍କୃତିକୁ ପରିପୁଷ୍ଟ କରିବାରେ ଅଚ୍ୟୁତାନନ୍ଦଙ୍କ ଅବଦାନ ଅତୁଳନୀୟ। ତାଙ୍କ ଦ୍ୱାରା ରଚିତ ଆଧାତ୍ମିକ ରଚନାଗୁଡ଼ିକ ମାନବ ସମାଜର ହିତ ଦୃଷ୍ଟିରୁ ବହୁ ଉପାଦେୟ ମନେହୁଏ। ତାଙ୍କ ଦ୍ୱାରା ରଚିତ ହରିବଂଶ ପୁରାଣ ଓଡ଼ିଶାର ଅଗଣିତ ଭକ୍ତିରସ ପିପାସୁ ଜନସାଧାରଣଙ୍କ ନିମନ୍ତେ ଏକ ଅମୂଲ୍ୟ ଗ୍ରନ୍ଥ ରୂପେ ପରିଚିତ ହୋଇପାରିଛି। ପ୍ରାରମ୍ଭରେ ସଞ୍ଜୟ କୁମାର ଛୁଆଳସିଂହଙ୍କ ଦ୍ୱାରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା ଓ ସଭା ଶେଷରେ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଶ୍ରୀଲିଙ୍ଗରାଜାୟନ କାର୍ଯ୍ୟକ୍ରମ



ଶୈବ ସଂସ୍କୃତିର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଏବଂ ଦେଶୀୟ ତଥା ଅନ୍ତର୍ଦେଶୀୟ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟ ପ୍ରତି ଆକର୍ଷିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀଙ୍କ ମିଳିତ ସହଯୋଗରେ ବିଶ୍ୱପ୍ରସିଦ୍ଧ ଶୈବ ପୀଠ ପୁରୁଣା ଭୁବନେଶ୍ୱରଠାରେ ପ୍ରତି ମାସରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଶ୍ରୀଲିଙ୍ଗରାଜାୟନ ଆୟୋଜନ କରାଯାଇଥାଏ। ଏହି ଅଭିନବ କାର୍ଯ୍ୟକ୍ରମରେ ଲିଙ୍ଗରାଜ ମନ୍ଦିର ବେଢ଼ା ସନ୍ନିକଟ ଲିଙ୍ଗରାଜ ହାଟ ଐତିହ୍ୟ ମଣ୍ଡପଠାରେ ତା ୨୯.୦୧.୧୭ ରିଖରେ ପଣ୍ଡିତ ପ୍ରଭାକର ମିଶ୍ର, ତା ୨୬.୦୨.୧୭ ରିଖରେ ଶ୍ରୀଧର ପାତ୍ର, ତା ୨୬.୩.୧୭ରିଖରେ ଡକ୍ଟର ପ୍ରଦୀପ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦାନ କରି ଶୈବ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶୈବ ସଂସ୍କୃତି ଉପରେ ଆଧାରିତ ଭଜନ ଓ ଜଣାଣ ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ ବହୁ ସଂଖ୍ୟକ କବି, ଲେଖକ, ସାହିତ୍ୟିକ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀ ଯୋଗଦାନ କରିଥିଲେ।

# ଉତ୍କଳ ଭାରତୀ କୁନ୍ତଳାକୁମାରୀ ସାବତ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ, ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସଂସଦ ଓ ଓଡ଼ିଶା ଲେଖିକା ସଂସଦ ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୮.୨.୧୭ରିଖ ଅପରାହ୍ଣ ୪ ଘଣ୍ଟା ସମୟରେ ଜିଲ୍ଲା ସଂସ୍କୃତି ଭବନ ଖୋର୍ଦ୍ଧାଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ବନୋଜ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଦାଶ ବେନହୁର, ସମ୍ମାନନୀୟ ଅତିଥି ଭାବେ, ଡକ୍ଟର ଶକୁନ୍ତଳା ବଳିଆରସିଂହ, ବିଶିଷ୍ଟ ଅତିଥି ଭାବେ ଶ୍ରୀ ବଂଶୀଧର ରାଉତ ଓ ସମ୍ମାନନୀୟ ବକ୍ତା ଭାବେ ମୋନାଲିସା ଜେନା ଯୋଗଦାନ କରିଥିଲେ। ଉତ୍କଳ ଭାରତୀ କୁନ୍ତଳା କୁମାରୀ ସୁଦକ୍ଷ ଚିକିତ୍ସକ ଭାବେ ଦଳିତ ମାନବ ଜାତିର ସେବା କରି ନିଜର ନିଷ୍ପାପର ସେବା ପରାୟଣତାର ପରିଚୟ ଦେବା ସହିତ କୁସଂସ୍କାର, ଅନ୍ଧବିଶ୍ୱାସ, ଅନାଚାର ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଖୋର୍ଦ୍ଧା ଜିଲ୍ଲା ସାହିତ୍ୟ ସଂସଦ ପକ୍ଷରୁ ଏକ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଡକ୍ଟର ନିରଞ୍ଜନ ମହାନ୍ତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ସାରସ୍ୱତ ସାଧକ ଶ୍ୟାମସୁନ୍ଦର ରାଜଗୁରୁଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ୟାମସୁନ୍ଦର ବିଦ୍ୟାଳୟ କମିଟି ଓ ଶ୍ୟାମସୁନ୍ଦର ସ୍ମୃତି କମିଟିଙ୍କ ମିଳିତ ସହଯୋଗରେ ସାରସ୍ୱତ ସାଧକ ଶ୍ୟାମସୁନ୍ଦର ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୨.୨.୧୭ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ପାରଳାଖେମୁଣ୍ଡିସ୍ଥ ଶ୍ୟାମସୁନ୍ଦର ରାଜଗୁରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । କବି ଶ୍ରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ କାଳିକିଙ୍କର ମିଶ୍ର ମୁଖ୍ୟବକ୍ତା, ଶିକ୍ଷାବିତ୍ ଗୌର ଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ସମ୍ମାନନୀୟ ଅତିଥି ଭାବେ ଯୋଗଦାନ କରି ରାଜଗୁରୁଙ୍କ ବହୁମୁଖୀ ପ୍ରତିଭାର ବିଭିନ୍ନ ଉଦାହରଣ ଦେଇ ତାଙ୍କୁ ଓଡ଼ିଆ ଭାଷା ଆନ୍ଦୋଳନର ମହାନ୍ ପ୍ରବକ୍ତା ବୋଲି ଅଭିହିତ କରିଥିଲେ । ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଅଭିମନ୍ୟୁ ସାହିତ୍ୟ ପରିଷଦସଙ୍କ ମିଳିତ ଆନୁକୂଲ୍ୟରେ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୩.୨.୧୭ ରିଖ ସନ୍ଧ୍ୟା ୬ ଘଣ୍ଟା ସମୟରେ ଯାଜପୁର ଜିଲ୍ଲା ଅଭିମନ୍ୟୁ ବାଲିଆଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଅଭିମନ୍ୟୁ ସାହିତ୍ୟ ପରିଷଦର ସଭାପତି ଡକ୍ଟର ଦେବପ୍ରସାଦ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପ୍ରଫେସର ଜୟକୃଷ୍ଣ ଦାସ ମୁଖ୍ୟଅତିଥି, ଶ୍ରୀ ସଚ୍ଚିଦାନନ୍ଦ ବେହେରା ମୁଖ୍ୟବକ୍ତା ଓ ଡକ୍ଟର ରବୀନ୍ଦ୍ର କୁମାର ବିହାରୀ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି କହିଲେ ଓଡ଼ିଆ ସାହିତ୍ୟର ରୀତିଯୁଗୀୟ କାବ୍ୟକାରମାନଙ୍କ ମଧ୍ୟରେ ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ସ୍ଥାନ ସ୍ୱତନ୍ତ୍ର । ବିଦଗ୍ଧ ଚିନ୍ତାମଣିର ସ୍ରଷ୍ଟା ଭାବରେ ତାଙ୍କର କାବ୍ୟିକ ପ୍ରତିଭା ସୁବିଦିତ । ପ୍ରାରମ୍ଭରେ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ଓ ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ପଣ୍ଡିତ ଶ୍ରୀଧର ସ୍ୱାମୀଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶ୍ରୀଧର ସ୍ୱାମୀ ସ୍ମୃତ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ପ୍ରସିଦ୍ଧ ଟିକାକାର ପଣ୍ଡିତ ଶ୍ରୀଧର ସ୍ୱାମୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୩.୨.୧୭ରିଖ ଅପରାହ୍ଣ ୫ ଘଣ୍ଟା ସମୟରେ ରେମୁଣା ନିକଟର୍ତ୍ତୀ ପଣ୍ଡିତଙ୍କ ଜନ୍ମ ପୀଠ ମୟୂର ଗ୍ରାମରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡେମୀ ସାଧାରଣ ପରିଷଦର ସଦସ୍ୟ ଡକ୍ଟର ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀମତୀ ସୁବାସିନୀ ଜେନା ମୁଖ୍ୟଅତିଥି, ଇଂ ଧରଣୀଧର ମିଶ୍ର ମୁଖ୍ୟବକ୍ତା ଓ ଶ୍ରୀ ବଳରାମ ପାଢ଼ୀ ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି ଶ୍ରୀଧର ସ୍ୱାମୀଙ୍କ ସାରସ୍ୱତ ପ୍ରତିଭା ତଥା ବିଭିନ୍ନ ଗ୍ରନ୍ଥର ଟିକାକାର ଭାବେ ତାଙ୍କର ଟିକା ଶୈଳୀର ଆଲୋଚନା କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରାଯାଇଥିଲା ଏବଂ ଶେଷରେ ସ୍ମୃତି ପରିଷଦର ସମ୍ପାଦକ ହରେକୃଷ୍ଣ ପଣ୍ଡାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ନାଟ୍ୟକାର ଗୋପାଳ ଛୋଟରାୟଙ୍କ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଖ୍ୟାତ ନାଟ୍ୟକାର ଗୋପାଳ ଛୋଟରାୟଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ଜଗତସିଂହପୁର ସନ୍ନିକଟ ଓଡ଼ିଶାଗଡ଼ସ୍ଥ ପ୍ରଫୁଲ୍ଲପାଠାଗାର ସଭାଗୃହରେ ତା ୭.୧.୧୭ରିଖ ପୂର୍ବାହ୍ଣ ୧୧ ଘଣ୍ଟା ସମୟରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ବଂଶୀଧର ଆଚାର୍ଯ୍ୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ସୁସାହିତ୍ୟିକ ଡକ୍ଟର ବିଜୟ କୁମାର ଶତପଥୀ ମୁଖ୍ୟଅତିଥି, ଡକ୍ଟର ସ୍ନେହ ମିଶ୍ର ମୁଖ୍ୟବକ୍ତା ଓ ଡକ୍ଟର ଶରତ ଚନ୍ଦ୍ର ମହାରଣା ସମ୍ମାନନୀୟ ବକ୍ତା ଭାବରେ ଯୋଗଦାନ କରି ଗୋପାଳ ଛୋଟରାୟଙ୍କ ନାଟ୍ୟଜଗତରେ ଥିବା ବହୁମୁଖୀ ପ୍ରତିଭା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଗୋପାଳ ଛୋଟରାୟଙ୍କ ନାଟକଗୁଡ଼ିକ ସମାଜରେ ଥିବା ସମସ୍ୟା ଆଧାରିତ ଅଟେ । ନାଟକର ଭାଷା ଓ ଶୈଳୀ ଦୃଷ୍ଟିରୁ ତାହା ଜନସାଧାରଣଙ୍କ ଦ୍ୱାରା ବହୁ ପ୍ରଶଂସିତ ହୋଇଥାଏ ବୋଲି ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଏକାଡେମୀ ପକ୍ଷରୁ ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା ଓ ଶେଷରେ ଏକାଡେମୀର ସହ-ସଚିବ ରବି ନାରାୟଣ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଚାର୍ଯ୍ୟ ହରିହର ଦାସ ଜୟନ୍ତୀ



ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଆଚାର୍ଯ୍ୟ ଯୁବ ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଆଚାର୍ଯ୍ୟ ହରିହର ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୨.୨.୧୭ରିଖ ସନ୍ଧ୍ୟା ୬.୩୦ ଘଣ୍ଟା ସମୟରେ ସାକ୍ଷୀଗୋପାଳ ନିକଟସ୍ଥ ଶ୍ରୀରାମଚନ୍ଦ୍ର ଶାସନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପୁରୀର ଉପଜିଲ୍ଲାପାଳ କବି ଶ୍ରୀ ମଧୁସୂଦନ ଦାଶ ମୁଖ୍ୟଅତିଥି ଭାବେ ଯୋଗଦାନ କରି କହିଲେ ଯେ ଆଚାର୍ଯ୍ୟଙ୍କ ଷୋଳଅଣା ମଣିଷ ପଣିଆଥିଲା। ଦୀନଦୁଃଖିଙ୍କ ସେବାକୁ ମହାନ ବ୍ରତ ଭାବରେ ଗ୍ରହଣ କରି ସେ ମାନବ ସେବାର ମୂର୍ତ୍ତିମନ୍ତ ପ୍ରତୀକ ହୋଇପାରିଥିଲେ। ସଭାପତି ଶ୍ରୀ ହରିହର ମିଶ୍ର ଏହି ଅବସରରେ କହିଲେ ଯେ ବନବିଦ୍ୟାଳୟର ଛାତ୍ରବାସରେ ସେ ପିଲାମାନଙ୍କୁ ମା' ବାପାଙ୍କ ଭଳି ସେବା ଯତ୍ନ ଓ ସ୍ନେହ ଶ୍ରଦ୍ଧା କରି ଆପଣାର କରିଥିଲେ। ଆଚାର୍ଯ୍ୟଙ୍କ 'ଭଲ ମଣିଷ ହୁଅ' ବାର୍ତ୍ତା ଆମ ପାଇଁ ପ୍ରେରଣା ଆଣି ଦେଇଛି ବୋଲି ସେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ ଡକ୍ଟର ଚାରୁବାଳା ଦାସ ଓ ସମ୍ମାନନୀୟ ବକ୍ତା ଭାବରେ କବି ଶ୍ୟାମ ପ୍ରକାଶ ସେନାପତି ଯୋଗଦାନ କରି ପଞ୍ଚସଖାଙ୍କ ପ୍ରତି ଶ୍ରଦ୍ଧା ସମ୍ମାନରେ ଊଣା କରାଯାଉଥିବା ନେଇ ଦୁଃଖ ପ୍ରକାଶ କରିଥିଲେ। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା। ଶେଷରେ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ପଣ୍ଡିତ କୃପାସିନ୍ଧୁ ମିଶ୍ର ଶ୍ରାଦ୍ଧୋତ୍ସବ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ କୃପାସିନ୍ଧୁ ସ୍ମୃତି ସମିତିଙ୍କ ମିଳିତ ଆନୁକୂଲ୍ୟରେ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ତା ୧୨.୨.୧୭ରିଖ ଅପରାହ୍ନ ୩ ଘଣ୍ଟା ସମୟରେ ପୁରୀ ନିକଟସ୍ଥ ବୀରପ୍ରତାପପୁର ଶାସନଠାରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଶ୍ରୀ ସାରଙ୍ଗଧର ରାୟଗୁରୁ ମୁଖ୍ୟଅତିଥି ଓ ଡକ୍ଟର ଦିଲ୍ଲୀପ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦାନ କରି ପଣ୍ଡିତ କୃପାସିନ୍ଧୁଙ୍କ ଜୀବନୀ ଓ ସାରସ୍ୱତ ପ୍ରତିଭା ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। କୃପାସିନ୍ଧୁଙ୍କ ଐତିହାସିକ ଗବେଷଣା ଉତ୍କଳର ଇତିହାସକୁ ବହୁ ଦୃଷ୍ଟିରୁ ରଦ୍ଧିମନ୍ତ କରିଥିବା ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଅତିଥିପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରାଯାଇଥିଲା। ସଭା ଶେଷରେ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ପଣ୍ଡିତ ନୀଳକଣ୍ଠ ଦାସ ସ୍ମାରକୀ ବକ୍ତୃତା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରଖ୍ୟାତ ଚିନ୍ତାନାୟକ, ଦାର୍ଶନିକ, କବି ଓ ବାଗ୍ମୀ ପଣ୍ଡିତ ନୀଳକଣ୍ଠ ଦାସଙ୍କ ସ୍ମୃତିରେ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ପାନ୍ଥନିବାସ ସଭାଗୃହରେ ତା ୧୮.୩.୧୭ରିଖ ସନ୍ଧ୍ୟା ୭ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ହରିହର ମିଶ୍ର ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ଜାମିଆ ମାଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ମହମ୍ମଦ ଆସାଉଦ୍ଦିନ୍ "Early woman writing in India and the Muslim women writing themselves" ଶୀର୍ଷକ ବିଷୟ ଉପରେ ବକ୍ତୃତା ପ୍ରଦାନ କରିଥିଲେ। ଏକାଡେମୀର ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଅଭିଭାଷଣ ରଖିଥିଲେ ଏକାଡେମୀର ଉପସଭାପତି ଶ୍ରୀମତୀ ଗାୟତ୍ରୀ ସରାଫ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଏକାଡେମୀର ସହସଚିବ ଶ୍ରୀ ରବି ନାରାୟଣ ରାୟ।

## ଶଶିଭୂଷଣ ରଥ ଜୟନ୍ତୀ

ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଶଶିଭୂଷଣ ସାହିତ୍ୟ ସଂସଦଙ୍କ ମିଳିତ ଆନୁକୂଲ୍ୟରେ ବରେଣ୍ୟ ସମ୍ପାଦକ, ପ୍ରବୀଣ ସାମ୍ବାଦିକ, ସମାଜ ସଂସ୍କାରକ ଓ ସାରସ୍ୱତ ସଙ୍ଗଠକ ତଥା ସାହିତ୍ୟ ସାଧକ ଶଶିଭୂଷଣ ରଥଙ୍କ ରାଜ୍ୟସ୍ତୀୟ ଜୟନ୍ତୀ ଉପଲକ୍ଷେ ସୋରଡ଼ାସ୍ଥ ସୀତାରାମ ରଙ୍ଗମଞ୍ଚଠାରେ ତା ୧.୧.୧୭ରିଖ ପୂର୍ବାହ୍ନ ୧୧ ଘଣ୍ଟା ସମୟରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଶଶିଭୂଷଣ ସାହିତ୍ୟ ସଂସଦର ଉପସଭାପତି ଶ୍ରୀ ରାଧାକୃଷ୍ଣ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ମାନ୍ୟବର ବିଧାୟକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ମୁଖ୍ୟଅତିଥି, ଡକ୍ଟର କମ୍ବୁପାଣି ସାମନ୍ତ ବିଶିଷ୍ଟ ଅତିଥି, ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡା ସମ୍ମାନନୀୟ ଅତିଥି ଓ ଶ୍ରୀ ରଞ୍ଜନ କୁମାର ପାଟ୍ଟଯୋଶୀ ମୁଖ୍ୟବକ୍ତା ଭାବେ ଯୋଗଦାନକରି ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଶଶିଭୂଷଣଙ୍କ ଅବଦାନ ତଥା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ବହୁଧା ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଉପସ୍ଥିତ ସାରସ୍ୱତ ସଜ୍ଜନମଣ୍ଡଳୀଙ୍କୁ ସ୍ୱାଗତ କରାଯାଇଥିଲା ଏବଂ ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଶ୍ରୀଜଗନ୍ନାଥାୟନ



ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀଙ୍କ ମିଳିତ ସହଯୋଗରେ ପ୍ରତି ଇଂରାଜୀ ମାସର ଶେଷ ତାରିଖରେ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପର୍ଯ୍ୟବେସିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହୋଇଆସୁଅଛି। ଏ ଅବସରରେ ଶ୍ରୀଜଗନ୍ନାଥ ତତ୍ତ୍ୱ ଉପରେ ଆଲୋଚନା ପର୍ବ କାର୍ଯ୍ୟକ୍ରମଟି ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥାଏ। ତା ୩୧.୦୧.୧୭ ରିଖ ସନ୍ଧ୍ୟାରେ ଅନୁଷ୍ଠିତ ଶ୍ରୀଜଗନ୍ନାଥାୟନ କାର୍ଯ୍ୟକ୍ରମରେ ପ୍ରବଚକ ପରିବ୍ରାଜକ ପ୍ରମୋଦ କୁମାର, ତା ୨୮.୦୨.୧୭ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ଦୟାନିଧି ତ୍ରିପାଠୀ ଏବଂ ତା ୩୧.୦୩.୧୭ ରିଖରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଂ ଚନ୍ଦ୍ରଶେଖର ନନ୍ଦ ଯୋଗଦାନ କରି ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗ ଉପରେ ତାତ୍ତ୍ୱିକ ଓ ପାଣ୍ଡିତ୍ୟପୂର୍ଣ୍ଣ ଆଲୋଚନା କରିଥିଲେ। ଏହି ଅବସରରେ ଶ୍ରୀଜଗନ୍ନାଥଙ୍କ ମହିମା ଆଧାରିତ ଭଜନ ଓ ଜଣାଣ ତଥା ନାଟକାଦି ପରିବେଷଣ କରାଯାଇଥିଲା। ଏହି ଶାଶ୍ୱତ ସନ୍ଧ୍ୟାରେ କବି, ଲେଖକ, ସାହିତ୍ୟିକ, ଚିତ୍ରଶିଳ୍ପୀ, ସଙ୍ଗୀତଜ୍ଞ ଓ ସଂସ୍କୃତିପ୍ରେମୀମାନେ ବହୁଳ ଭାବରେ ଯୋଗଦାନ କରି ଶ୍ରୀଜଗନ୍ନାଥ ଚେତନାରେ ତଲ୍ଲୀନ ହୋଇ ପରମେଶ୍ୱରଙ୍କ ମଧୁମୟ ଭାବକୁ ମନଭରି ଆସ୍ୱାଦନ କରିଥିଲେ।

# ପାରାଦ୍ୱୀପଠାରେ କବିତା ଆସର




ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପାରାଦ୍ୱୀପଠାରେ ମଧୁବନସ୍ଥ ଅଫିସର୍ସ କ୍ଲବ ସଭାକକ୍ଷରେ ତା ୨୯.୧.୧୭ରିଖ ପୂର୍ବାହ୍ଣ ୧୧ ଘଣ୍ଟା ସମୟରେ କବିତା ଆସର ଅନୁଷ୍ଠିତ ହୋଇଯାଇଅଛି। ଏହି କବିତା ଆସରର ଉଦ୍‌ଘାଟନ ଉତ୍ସବ ଉକ୍ତ ଦିନ ୧୧ ଘଣ୍ଟା ସମୟରେ କବି ଶ୍ରୀ ପୀତାମ୍ବର ତରାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସାହିତ୍ୟିକା ତଥା କବୟିତ୍ରୀ ଡକ୍ଟର ଅପର୍ଣ୍ଣା ମହାନ୍ତି ମୁଖ୍ୟଅତିଥି ଓ ସୁଧାକର ମନ୍ତ୍ରୀ ସମ୍ମାନନୀୟ ଅତିଥି ଭାବରେ ଯୋଗଦାନ କରିଥିଲେ। ସାହିତ୍ୟିକମାନେ ଜନଜୀବନର ଜୟଗାନ କରିବା ସହିତ ନିଜର ଜୀବନକୁ ସାହିତ୍ୟ ମାଧ୍ୟମରେ ବ୍ୟାପକ କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟଅତିଥି ଡକ୍ଟର ଅପର୍ଣ୍ଣା ମହାନ୍ତି କହିଥିଲେ। ଏକାଡେମୀର ସଚିବ ତଥା କବି ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରି କବିତା ହେଉଛି ସମାଜର ବିବେକ, ଏହା ପୀଡ଼ିତ ଲୋକମାନଙ୍କ ମୁକ୍ତିର ମନ୍ତ୍ର ହୋଇଥାଏ। ତେଣୁ ଏ କ୍ଷେତ୍ରରେ ସତ୍ୟନିଷ୍ଠ ହେବା ସହ ସମାଜର ଅନ୍ତର୍ନିହିତ ଦୃଶ୍ୟ ଉପରେ ଦୃଷ୍ଟି ରଖିବା ଉଚିତ ବୋଲି କହିଥିଲେ।

ଉକ୍ତ ଦିନ ମଧ୍ୟାହ୍ନ ୧୨ ଘଣ୍ଟା ସମୟରେ କବିତା ପାଠ କାର୍ଯ୍ୟକ୍ରମ ଡକ୍ଟର ସନ୍ତୋଷ କୁମାର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ମାନନୀୟ ଅତିଥି ଭାବେ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ, କବି ଅଲେଖ ବେହେରା ଯୋଗଦେଇଥିଲେ। ଡକ୍ଟର ବନପ୍ରଭା ପରିଡ଼ା ଓ କବି ଅଙ୍ଗୁରବାଳା ପରିଡ଼ାଙ୍କ ସଂଯୋଜନାରେ ଜଗତ୍‌ସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ୫୦ ରୁ ଉର୍ଦ୍ଧ୍ୱ କବି ସ୍ୱରଚିତ କବିତାଗୁଡ଼ିକ ଆବୃତ୍ତି କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ମୋନାଲିସା ସାହିତ୍ୟ ପତ୍ରିକାର ସମ୍ପାଦିକା ସଂଘମିତ୍ରା ସ୍ୱାଇଁ ପରିଚାଳନା କରିଥିଲେ।

# କବିଶେଖର ଚିନ୍ତାମଣି ଜୟନ୍ତୀ




ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭଦ୍ରକ ପୂଜ୍ୟପୂଜା ସଂସଦଙ୍କ ମିଳିତ ସହଯୋଗରେ କବିଶେଖର ଚିନ୍ତାମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ତା ୧୬.୩.୧୭ରିଖ ଅପରାହ୍ଣ ୪.୩୦ ଘଣ୍ଟା ସମୟରେ ଭଦ୍ରକସ୍ଥ ସଂସ୍କୃତି ଭବନ ସଭାକକ୍ଷରେ ଏକ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ପୂଜ୍ୟପୂଜା ସଂସଦର ସଭାପତି ଶ୍ରୀ ପ୍ରଭାକର ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଭଦ୍ରକର ଜିଲ୍ଲାପାଳ ଶ୍ରୀ ଲକ୍ଷ୍ମୀ ନାରାୟଣ ମିଶ୍ର ମୁଖ୍ୟଅତିଥି, ଶ୍ରୀ ପ୍ରଦୀପ କୁମାର ସ୍ୱାଇଁ ବିଶିଷ୍ଟ ଅତିଥି ଓ ଶ୍ରୀ ନାରାୟଣ ସେନାପତି ମୁଖ୍ୟବକ୍ତା ଭାବରେ ଯୋଗଦାନ କରି କବିଶେଖର ଚିନ୍ତାମଣିଙ୍କୁ ଓଡ଼ିଆ ସାହିତ୍ୟର ଜଣେ କାଳଜୟୀ ସ୍ରଷ୍ଟା ଭାବରେ ଅଭିହିତ କରିଥିଲେ। ସମାଜକୁ ସଂସ୍କାରମୁଖି କରିବା ନିମନ୍ତେ କବିଶେଖର ଚିନ୍ତାମଣି ତାଙ୍କ ଲେଖନୀ ଚାଳନା କରି କାବ୍ୟ ଓ କବିତା ଗ୍ରନ୍ଥ ସହିତ ଉପନ୍ୟାସ ଗ୍ରନ୍ଥ ରଚନା କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ଋଦ୍ଧିମନ୍ତ କରିଛନ୍ତି। ସଭା ଶେଷରେ ସହଯୋଗୀ ଅନୁଷ୍ଠାନ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

ଓଡ଼ିଶା ସାହିତ୍ୟ ଏକାଡେମୀ, ସଂସ୍କୃତି ଭବନ, ଭୁବନେଶ୍ୱର-୧୪
ଦୂରଭାଷ:୦୬୭୪-୨୪୩୧୮୩୯/ ଫ୍ୟାକ୍ସ :୨୪୩୧୮୪୦
ଇ-ମେଲ:odishasasahityaakademi@gmail.com
ୱେବସାଇଟ୍:www.odishasahityaakademi.org

ସମ୍ପାଦନା :
ପ୍ରଦୀପ କୁମାର ପୂଜାପଣ୍ଡା

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ , ମୁଦ୍ରଣ : ଜଗନ୍ନାଥ ପ୍ରୋସେସ୍ ପ୍ରା.ଲିଃ କଟକ-୨